# ମୌଳିକ ସୁବିଧାରୁ ବଞ୍ଚିତ ସିମନବାଡ଼ି ଛାତ୍ରୀଛାତ୍ର

- ଶୌଚାଳୟ, କମ୍ପ୍ୟୁଟର କକ୍ଷ, ଖେଳପଡ଼ିଆ ଅଭାବ
- ୧୩୭ ବର୍ଷର ବିଦ୍ୟାଳୟର ବିକାଶ ଶୂନ

ଦାରିଙ୍ଗବାଡି,୨୨।୮(ଅରୁଣ ସାହୁ)

ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଭିନ୍ନ ସମସ୍ୟା ଲାଗିରହିଥିବା ସହ ଛାତ୍ରୀଛାତ୍ରଙ୍କୁ ମୌଳିକ ସୁବିଧା ମିଳିବା କଷ୍ଟ ହୋଇପଡିଛି। ବିଦ୍ୟାଳୟରେ ୨୦୦୩ରୁ କମ୍ପ୍ୟୁଟର ଶିକ୍ଷା ବ୍ୟବସ୍ଥା କରାଯାଇଥିଲା କିନ୍ତୁ ତାହା କିଛିଦିନ ପରେ ଅଚଳ ହୋଇ ଦୀର୍ଘ ୨୦ ବର୍ଷ ହେଲା ଆଉ କମ୍ପ୍ୟୁଟର ଶିକ୍ଷା ହେଉନି ଏବଂ ତା'ର ଆଉ ବିକାଶ କରାଯାଉନାହିଁ। ସେହିପରି ବିଦ୍ୟାଳୟରେ ପିଇବା ପାଣିର ବ୍ୟବସ୍ଥା ନାହିଁ, ଖେଳ ପଡିଆ ନ ଥିବାରୁ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ, ଶାରୀରିକ ଉନ୍ନତିରେ ବାଧକ ସୃଷ୍ଟି ହେଉଛି। ସେହିପରି ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ଶ୍ରେଣୀ ରହିଥିବା ବେଳେ ମୋଟ ୨୭୦ ଛାତ୍ରୀଛାତ୍ର ପଢୁଛନ୍ତି । ଆବଶ୍ୟକ ଶିକ୍ଷୟିତ୍ରୀଶିକ୍ଷକ ରହିଛନ୍ତି ହେଲେ ୮ ଟି ଶ୍ରେଣୀ କୋଠାର ଆବଶ୍ୟକତା ରହିଥିବା ବେଳେ ରହିଛି ମାତ୍ର ୪ଟି। ତେଣୁ ବାଧ ହୋଇ ବିପଦ ସଂକୁଳ ଅବସ୍ଥାରେ


ସିମନବାଡ଼ି ବିଦ୍ୟାଳୟ।

ରହିଥିବା ଭଙ୍ଗା ଦଦରା ଘରେ ଶିକ୍ଷାଦାନ କରାଯାଉଛି। ବର୍ଷା ଦିନରେ ଘରେ ପାଣି ଗଳୁଥିବା ବେଳେ ଖରା ଦିନରେ ପଙ୍ଖା ନ ଥିବାରୁ ପିଲାଙ୍କ ପାଠପଢ଼ାରେ ବହୁ ସମସ୍ୟା ଦେଖାଯାଉଛି। ଏକ ଭଙ୍ଗା ଦଦରା ଘରେ ରୋଷେଇ କରାଯାଉଥିବା ବେଳେ ଅଧା କିଲୋମିଟର ଦୂର ଯାଇ ଅଙ୍ଗନାୱାଡି କେନ୍ଦ୍ରରେ ରହିଥିବା ନଳକୂପରୁ ପାଣି ଆଣି ମଧ୍ୟାହ୍ନଭୋଜନ ରୋଷେଇ କରାଯାଉଥିବା ରୋଷେଇ ଦାୟିତ୍ୱରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ କୁହାଯାଇଛି। ସେମାନେ ଆହୁରି କହିଛନ୍ତି ଯେ ଡାଇନିଂ ହଲ ନ ଥିବାରୁ ଛାତ୍ରୀଛାତ୍ରମାନେ ଖରା, ବର୍ଷାରେ ବାହାରେ ଏଣେ ତେଣେ ବୁଲି ଖାଉଛନ୍ତି ତେଣୁ ଏହି ସବୁ ସମସ୍ୟାର ସମାଧାନ କରିବାକୁ ମହିଳାମାନେ କହିଛନ୍ତି। ବିଦ୍ୟାଳୟକୁ ରୂପାନ୍ତର କରାଗଲେ ଛାତ୍ରୀଛାତ୍ରଙ୍କୁ ଅତ୍ୟାଧୁନିକ ଶ୍ରେଣୀଗୃହ ମିଳିବ, ଯେଉଁଥିରେ ସ୍ମାର୍ଟ ଡିଜିଟାଲ ଶିକ୍ଷା ବ୍ୟବସ୍ଥା ସହ ଲାଇବ୍ରେରୀ, ଖେଳପଡିଆ, ଶୁଦ୍ଧ ପାନୀୟ ଜଳ, କମ୍ପ୍ୟୁଟର ଶିକ୍ଷା, ବିଜ୍ଞାନ କକ୍ଷ, ସ୍ଥାୟୀ ପାଚେରି ନିର୍ମାଣ, ଅତିରିକ୍ତ ଶ୍ରେଣୀ କୋଠା ନିର୍ମାଣ ଆଦି ସୁବିଧା ହୋଇପାରିବ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ପୁରାତନ ବିଦ୍ୟାଳୟକୁ ଅନ୍ୟ ସ୍ମାର୍ଟ ସ୍କୁଲ ଭଳି ରୂପାନ୍ତର କରିବା ଆବଶ୍ୟକ ବୋଲି ପ୍ରଧାନ ଶିକ୍ଷକ ବିଦେଶୀ ନାୟକ କହିଛନ୍ତି। ଏ ନେଇ ଦାରିଙ୍ଗବାଡି ବିଡିଓ ଗଦାଧର ପାତ୍ର କହିଛନ୍ତି, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଯୋଜନାରେ ପାଚେରି ନିର୍ମାଣ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସେହିପରି ଏମ୍‌ସିଏଲ (ମହାନଦୀ କୋଲଫିଲ୍‌ଡ ଲିମିଟେଡ୍) ପକ୍ଷରୁ ଅନୁଦାନରେ ଉକ୍ତ ବିଦ୍ୟାଳୟର ରୂପାନ୍ତର କାର୍ଯ୍ୟ କରାଯିବାକୁ ଏକ ପ୍ରସ୍ତାବ ଦିଆଯାଇଛି ଏବଂ ଏବେ ବିଦ୍ୟାଳୟର ଶ୍ରେଣୀକୋଠା ମରାମତି କରାଯାଇଛି ବୋଲି ବିଡିଓ କହିଛନ୍ତି।

## ସଂକ୍ଷେପରେ

### ଟ୍ରେନ୍‌ରେ କଟି ଯୁବକଙ୍କ ମୃତ୍ୟୁ

ଗୁମ୍ମା,୨୨।୮ (ପ୍ରବୀନ କୁମାର ଲିମ୍ମା):

ଗଜପତି ଜିଲା ଗୁମ୍ମା ବ୍ଲକ ତରଙ୍ଗଡା ଠାରେ ଥିବା ବିଶ୍ୱବାଣୀ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଯୁବକ ହେସିପାଲ ଶବର ପଶ୍ଚିମବଙ୍ଗର କିଶାନଗଞ୍ଜଠାରେ ଟ୍ରେନରେ କଟି ପ୍ରାଣ ହରାଇଛନ୍ତି। ହେସିପାଲ ଗୁମ୍ମା ବ୍ଲକର ଜଣେ ଜଣାଶୁଣା ସାମାଜିକ କର୍ମୀ ଭାବେ କାର୍ଯ୍ୟ କରିଆସୁଥିଲେ । ସେ କୌଣସି କାମରେ ପଶ୍ଚିମବଙ୍ଗ ଏକ ଟିମ ନେଇ ଗସ୍ତ କରୁଥିବା ବେଳେ କିଶାନଗଞ୍ଜ ରେଲଷ୍ଟେଶନଠାରେ ଓହ୍ଲାଇ ନିଜେ ଏବଂ ତାଙ୍କ ଟିମ ନିମନ୍ତେ ଖାଦ୍ୟ ଆଣିବା ପାଇଁ ଯାଇଥିଲେ। ହେଲେ ଏହି ସମୟରେ ଟ୍ରେନ ଛାଡିଦେଇଥିବାରୁ ହେସିପାଲ ଦୌଡି ଦୌଡି ଟ୍ରେନ ଚଢିବା ପାଇଁ ଚେଷ୍ଟା କରିବା ବେଳେ ଭାରସାମ୍ୟ ହରାଇ ପଡ଼ିଯିବାରୁ ସେହି ଟ୍ରେନରେ କଟିଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ନିଜ ଘର ଏଙ୍ଗେରେଡା ତୁମକର ଅଞ୍ଚଳ ବୋଲି ଜଣାପଡିଛି।

### ସାପ କାମୁଡ଼ାରେ ବୃଦ୍ଧ ମୃତ

ଗୋପାଳପୁର,୨୨।୮(ନବୀନ ରାଜ ଆଚାରୀ):

ଗୋପାଳପୁର ଥାନା ଅଧିନସ୍ଥ ବଡ଼ ଗୁମୁଳା ଗ୍ରାମରେ ସୋମବାର ରାତିରେ ସାପ କାମୁଡ଼ାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ହୋଇଛି। ଏ ନେଇ ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ମୃତକ ଜଣଙ୍କ ହେଲେ ଅରକ୍ଷିତ ଦାସ (୯୫) ବୋଲି ପୋଲିସ କହିଛି। ସୋମବାର ଅପରାହ୍ନରେ ଅରକ୍ଷିତ ବିଲକୁ ଯାଇଥିଲେ। ସେଠାରେ ଏକ ସାପ କାମୁଡ଼ି ଥିଲା। ପରିବାର ଲୋକେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରାତି ପ୍ରାୟ ସାଢ଼େ ୮ ସମୟରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ନାତି ହେମାନନ୍ଦ ଦାସ ଗୋପାଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମଙ୍ଗଳବାର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠେଇଥିଲା। ଥାନା କେସ ନମ୍ବର ୧୫/୨୩ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

### ପଣ୍ଡିତ ଗୋପୀନାଥ ନନ୍ଦଙ୍କ ଜୟନ୍ତୀ

ପାରଳାଖେମୁଣ୍ଡି,୨୨।୮ (ଗିରିଧାରୀ ପରିଚ୍ଛା):

ସ୍ଥାନୀୟ ଉତ୍କଳହିତୈଷିଣୀ ସମାଜ ସଭାଗୃହରେ ଓଡ଼ିଶା ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ପଣ୍ଡିତ ଗୋପୀନାଥ ନନ୍ଦ ଶର୍ମାଙ୍କ ୧୫୫ତମ ଜୟନ୍ତୀ ସୋମବାର ପାଳିତ ହୋଇଯାଇଛି। ଏକାଡେମୀର ବରିଷ୍ଠ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜୟନ୍ତୀ ସମାରୋହରେ ପାରଳାଖେମୁଣ୍ଡି ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଅଜୟ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଣ୍ଡିତ ନନ୍ଦଙ୍କୁ ଓଡିଆ ଭାଷାର ଶ୍ରେଷ୍ଠ ଅଭିଧାନକାର ତଥା ସମାଲୋଚନା ସାହିତ୍ୟର ଅଗ୍ର ପଥିକ ଭାବେ ଅଭିହିତ କରି ସେ ଓଡିଆ ପାଇଁ ସମ୍ଭାବ୍ୟ ମହାନ ବିପଦରୁ ରକ୍ଷା କରିଛନ୍ତି ବୋଲି ମତ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମ୍ମିଳନୀର ସଭାପତି ଭାରତ ଭୂଷଣ ମହାନ୍ତି ଓ ଭାଗବତ ପାଢ଼ୀ ମଞ୍ଚାସୀନ ଥିଲେ। ଡ଼ଃ ଚନ୍ଦ୍ରଶେଖର ଦାସ, ଡ଼ଃ କଲ୍ୟାଣୀ ମିଶ୍ର, ଅଧ୍ୟାପକ ଆର୍ତ୍ତତ୍ରାଣ ଚଇନି, ଗୌରହରି ପଟ୍ଟନାୟକ, ରାଜେନ୍ଦ୍ର ରଥ ପ୍ରମୁଖ ଯୋଗଦେଇଥିଲେ। ଏହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ମୂରଲୀଧର ପରିଚ୍ଛା, ତ୍ରିପତି ପ୍ରସାଦ ପଣ୍ଡା, ଶରତ ଚନ୍ଦ୍ର ସାହୁ, ସ୍ନିଗ୍ଧା ମିଶ୍ର ପ୍ରମୁଖ।

# ବାଘ ଆତଙ୍କ, ଲୋକେ ଭୟଭୀତ

ପାରଳାଖେମୁଣ୍ଡି,୨୨।୮ (ଗିରିଧାରୀ ପରିଚ୍ଛା):

ଗଜପତି, ରାୟଗଡ଼ା ଓ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲା ଭାମିନି ମଣ୍ଡଳ ରେଞ୍ଜ ଅଞ୍ଚଳରେ ଗୋଟିଏ ମହାବଳ ବାଘ ବୁଲୁଥିବା କିଛି ଭିଡିଓ ଭାଇରାଲ ହେଉଛି। ଯାହାକୁ ନେଇ ସୀମାନ୍ତରେ ଉଭୟ ରାଜ୍ୟର ବନ କର୍ମଚାରୀ ପାଟ୍ରୋଲିଂ ଜାରି ରଖିଛନ୍ତି । ଏହି ଭିଡିଓ ଭାଇରାଲ ହେବାପରେ ସୀମାବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କ ମଧ୍ୟରେ ଏବେ ଆତଙ୍କ ଖେଳିଯାଇଛି । ଏନେଇ ଗଜପତି ବନବିଭାଗ କୌଣସି ସ୍ପଷ୍ଟ କରିନାହାନ୍ତି କିନ୍ତୁ କାଶୀନାଗର ରେଞ୍ଜ ଅଞ୍ଚଳରେ ପାଟ୍ରୋଲିଂ କରାଯାଉଥିବା ସୂଚନା ଦେଇଛି । ୩ଦିନ ତଳେ ଆନ୍ଧ୍ରପ୍ରଦେଶ ଭାମିନି ମଣ୍ଡଳ ଅଞ୍ଚଳର କିଛି ସ୍ଥାନରୁ ଆନ୍ଧ୍ର ବନବିଭାଗ ବାଘର ପାଦ ଚିହ୍ନ ସଂଗ୍ରହ କରିଥିବା କହିଛି । ସ୍ଥାନୀୟ ଅଞ୍ଚଳରେ ଗୃହପାଳିତ ପଶୁଙ୍କୁ ସୁରକ୍ଷିତ ସ୍ଥାନରେ ରଖିବା ସହ ରାତିରେ କୌଣସି ଲୋକ ବାହାରକୁ ନ ବାହାରିବା ପାଇଁ ଲୋକଙ୍କୁ ସଚେତନ କରୁଥିବା ସୂଚନା ଦେଇଛନ୍ତି।

# ଜମି ଚିହ୍ନଟ ଦାବିରେ ତହସିଲ ଆଗରେ ଧାରଣା


ଧାରଣାରତ ଗ୍ରାମବାସୀ ।

ଟିକାବାଲି, ୨୨।୮(ଗଗନ ବିହାରୀ ପଟ୍ଟନାୟକ)

କନ୍ଧମାଳ ଜିଲା ଟିକାବାଲି ବ୍ଲକ ନିକଟସ୍ଥ ଟିପାରୀଗାଁ ବାସୀଙ୍କୁ ଜମି ଚିହ୍ନଟ ଦାବିରେ ଲୋକମାନେ ତହସିଲଦାରଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ, ୨୦୧୩ରେ ୨୫ ଭୂମିହୀନ ପରିବାରକୁ ଟିପାରୀଗାଁରେ ସରକାର ୧୬ ଆର ଲେଖାଏ ଜମି ପଟା ପ୍ରଦାନ କରିଥିଲେ। ୨୦୧୬ରେ ସେହି ଜମିକୁ ଗ୍ରାମବାସୀ ନିଜ ଚିହ୍ନଟ କରିବାକୁ ଯିବା ସମୟରେ ତାହା ଜଣେ ବ୍ୟକ୍ତିଙ୍କ ଦଖଲରେ ଥିବା ଜଣା ପଡିଥିଲା। ଗ୍ରାମବାସୀ ଆଇନର ଆଶ୍ରୟ ନେଇ ତହସିଲଦାରଙ୍କୁ ନିଜ ପଟା ଅନୁସାରେ ଜମି ଚିହ୍ନଟ କରିବାକୁ କହିଥିଲେ। ଏବେ ଜମି ପଟା ପ୍ରଦାନ କରାଯାଇଥିବା ଲୋକଙ୍କ ମଧ୍ୟରୁ ୯ଜଣଙ୍କ ନାମରେ ଆବାସ ଗୃହ ଆସିଛି। ଜମି ଚିହ୍ନଟ ହୋଇ ପାରୁ ନ ଥିବାରୁ ହିତାଧିକାରୀ ଗୃହ ନିର୍ମାଣ ପାଇଁ ହଇରାଣ ହେଉଛନ୍ତି। ତେଣୁ ତୁରନ୍ତ ଜମି ଚିହ୍ନଟ କରିବା ଦାବିରେ ଗ୍ରାମବାସୀ ରମାକାନ୍ତ ଦିଗାଲ, ହେମନ୍ତ ଦିଗାଲ, ଶରତ ଦିଗାଲ, ଦ୍ରୁବ ଦିଗାଲ, ଲତା ଦିଗାଲ,ଚିଣ୍ଟୁ ଦିଗାଲ, ବାସୁଦେବ ଦିଗାଲ, ପ୍ରଦୀପ ଦିଗାଲ, ରଞ୍ଜିତ ମଲିକ, ସୁବାସ ଦିଗାଲ ପ୍ରମୁଖ ତହସିଲଦାର କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ ।

# ଜିଲାପାଳଙ୍କୁ ଗାଁ ସାଥୀଙ୍କ ସ୍ମାରକପତ୍ର


ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଥିବା ଗାଁ ସାଥୀ।

ପାରଳାଖେମୁଣ୍ଡି,୨୨।୮ (ଗିରିଧାରୀ ପରିଚ୍ଛା):

ବିଭିନ୍ନ ଦାବି ନେଇ ଗଜପତି ଜିଲା ଗାଁ ସାଥି (ମେଟ) ସଂଘ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲାର ସମସ୍ତ ଗାଁ ସାଥିଙ୍କୁ ତାଲିମ ଦେବାକୁ ଅନୁରୋଧ କରାଯାଇଥିବା ବେଳେ ସରକାରଙ୍କ ନିର୍ଦ୍ଦେଶନାମାକୁ ବିଭିନ୍ନ ବ୍ଲକରେ ସଠିକ ଭାବେ ଲାଗୁ କରିବାକୁ ଅନୁରୋଧ କରାଯାଇଥିଲା। ୨୦୦୮ରେ ବିଭିନ୍ନ ବ୍ଲକରେ ନିଯୁକ୍ତି ପାଇଥିବା ଗାଁ ସାଥି ଓ ଖାଲିଥିବା ରାଜସ୍ୱ ଗ୍ରାମରେ ପଲ୍ଲୀସଭା ମାଧ୍ୟମରେ ଚୟନ ହୋଇଥିବା ମେଟ କାର୍ଯ୍ୟରତ ଅଛନ୍ତି। ଯାହା ସରକାରୀ ଡାଟାବେସରେ ରହିଛି। ହେଲେ ସରକାରୀ ଡାଟାବେସକୁ ଅଣଦେଖା କରି କିଛି ବ୍ଲକ ଓ ପଞ୍ଚାୟତରେ ଅଣ ମେଟଙ୍କୁ ନିଯୁକ୍ତି କରାଯାଇଛି। ସେହି ଅଣମେଟଙ୍କୁ ଉଚ୍ଛେଦ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଥିଲା। ସେହିପରି ମନରେଗା କାର୍ଯ୍ୟରେ ନିୟୋଜିତ ମେଟ୍‌ମାନଙ୍କୁ ଦୈନିକ ମଜୁରୀ ନିମନ୍ତେ ମଷ୍ଟର ରୋଲ ବ୍ୟବହାର କରାଯାଉନଥିବାରୁ ମେଟମାନେ ପାରିଶ୍ରମିକ ପାଇବାରୁ ବଞ୍ଚିତ ହେଉଛନ୍ତି। ମେଟ୍‌ଙ୍କ ଡାଟାବେସ ତାଲିକା ପ୍ରଦାନ ନିମନ୍ତେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସମସ୍ତ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନଥିବା ଅଭିଯୋଗ କରାଯାଇଥିଲା। ମେଟଙ୍କ ଶିକ୍ଷାଗତ ଯୋଗ୍ୟତା ଅନୁସାରେ ମାଷ୍ଟର ତାଲିମ ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ସ୍ମାରକପତ୍ର ପ୍ରଦାନ ବେଳେ ସଂଘ ସଭାପତି ପଞ୍ଚୁ ନାୟକ, ସମ୍ପାଦକ ମନୋଜ ଭୂୟାଁଙ୍କ ସମେତ ବିଭିନ୍ନ ବ୍ଲକର ଗାଁ ସାଥି ଉପସ୍ଥିତ ଥିଲେ।

### ମେଡିକାଲରେ ମହିଳା କର୍ମଚାରୀଙ୍କୁ ଯୌନ ନିର୍ଯାତନା ଘଟଣା

## ଉଭୟ ପକ୍ଷଙ୍କ ବୟାନ ରେକର୍ଡ

ବ୍ରହ୍ମପୁର,୨୨।୮(ସୁବାସ ଚନ୍ଦ୍ର ପାଢ଼ୀ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି(ଏମକେସିଜି) ମେଡିକାଲ କଲେଜ ଓ ହସ୍ପିଟାଲରେ ଜଣେ ମହିଳା କର୍ମଚାରୀଙ୍କୁ ଯୌନ ନିର୍ଯାତନା ଦିଆଯାଇଥିବା ପୂର୍ବରୁ ଅଭିଯୋଗ ହୋଇଥିଲା। ମଙ୍ଗଳବାର ଏକ ଟିମ ଉକ୍ତ ଘଟଣାର ତଦନ୍ତ କରିଛି। ମେଡ଼ିକାଲର ଏଫଏମଟି କୋଠାରେ ଯୌନ ଉତ୍ପୀଡନ କମିଟିର ଅଧ୍ୟକ୍ଷ ପ୍ରଫେସର ଡ଼ା. ସୁଦୀପା ଦାସ, କମ୍ୟୁନିଟି ମେଡିସିନ ବିଭାଗର ଆସୋସିଏଟ ପ୍ରଫେସର ଡ଼ା. ଡି ଶୋଭା ମାଳିନୀ, ଏମକେସିଜି ମେଡିକାଲ ଓ କଲେଜର ରେଜିଷ୍ଟ୍ରାର ସଂଗ୍ରାମ କେଶର ପଣ୍ଡା ଓ ସେବା ସଂଗଠନର ସମ୍ପାଦକ ଅଳକା ସାହୁଙ୍କ ଉପସ୍ଥିତିରେ ତଦନ୍ତ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଥିବା ଏମକେସିଜି ମେଡିକାଲର ଜଣେ ବରିଷ୍ଠ କିରାଣି ଓ ପୀଡ଼ିତାଙ୍କୁ ଟିମ ପଚାରାଉଚରା କରିଥିଲା। ଉଭୟଙ୍କୁ ଆଗାମୀ ଦିନରେ ପୁଣି ପଚରାଉଚାରା କରାଯିବ ବୋଲି ମେଡ଼ିକାଲ ସୂତ୍ରରୁ ଜଣାପଡ଼ିଛି। ସୂଚନାଯୋଗ୍ୟ, ଗତ ୫ ତାରିଖରେ ବରିଷ୍ଠ କିରାଣି ଜଣଙ୍କ ଜଣେ ମହିଳା କର୍ମଚାରୀଙ୍କୁ ଅଶ୍ଳୀଳ ଇଙ୍ଗିତ କରିଥିବା ମେଡ଼ିକାଲ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ନେଇ ମେଡ଼ିକାଲ ଅଧୀକ୍ଷକ ଯୌନ ଉତ୍ପୀଡନ କମିଟି ଗଠନ କରିବା ସହ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ମହୁମାଛି ଚାଷ ପ୍ରଶିକ୍ଷଣ ଶିବିର

ଜଗନ୍ନାଥପ୍ରସାଦ,୨୨।୮(ବିଦ୍ଭୁ ପ୍ରସାଦ ପଟ୍ଟନାୟକ)

ଓଡିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପର୍ଯ୍ୟାୟ-୨ ଜଗନ୍ନାଥପ୍ରସାଦ ବନାଞ୍ଚଳର ମିଳିତ ସହଯୋଗରେ ମହୁମାଛି ଚାଷ ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଆୟୋଜିତ ହୋଇଥିଲା। ଏହି ଶିବିରରେ ଜଗନ୍ନାଥପ୍ରସାଦ ବନାଞ୍ଚଳ ଅଧିକାରୀ କୁମାର ବେହେରା ସଭାପତିତ୍ୱ କରିଥିବା ବେଳେ ବିଷୟବସ୍ତୁ ବିଶେଷଜ୍ଞ ଶାନ୍ତନୁ କୁମାର ସାହୁ ମୁଖ୍ୟ ଅତିଥିଭାବେ ଅନ୍ୟାନ୍ୟ ସମ୍ମାନିତ ଅତିଥିଭାବେ ମାର୍କେଟିଂ କନ୍ସଲ୍ଟାଣ୍ଟ ରାଜେଶ ପ୍ରଧାନ, ଜୀବନ ଜୀବିକା ସଂଯୋଜକ ପ୍ରଶାନ୍ତ କୁମାର ସାହୁ, ଆଇନଜୀବୀ ନିରାକାର ସାହୁ, ବେଲଗୁଣ୍ଠା ବନପାଳ ଶରତ କୁମାର ମହାନ୍ତି, ଆନିମେଟର ଲୋକନାଥ ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସୀନ ଥିଲେ। ସ୍ଥାନୀୟ ଗ୍ରାମ ଗୁଡିକରେ ଗଢିଉଠିଥିବା ବଣସଂରକ୍ଷଣ ସମିତି, ମହିଳା ସୋୟମ ସହାୟକ ଗୋଷ୍ଠୀର ସଭ୍ୟସଭ୍ୟାମାନେ ଉପସ୍ଥିତ ରହି ପ୍ରଶିକ୍ଷଣ ନେଇଥିଲେ। ମହୁ ମାଛିଙ୍କ ସୁରକ୍ଷା, ମହୁ ସଂଗ୍ରହ କରିବା ବିଷୟରେ ଓଏଡଏଟି ତାଲିମ ପ୍ରାପ୍ତ ପ୍ରଶିକ୍ଷକ ମହେନ୍ଦ୍ର କୁମାର ନାୟକ ତାଲିମ ପ୍ରଦାନ କରିଥିଲେ। ସ୍ଥାନୀୟ ଜିରାବାଡି ଗ୍ରାମରେ ସେ କରିଥିବା ମହୁଚାଷ ପ୍ରକଳ୍ପକୁ ସ୍କ୍ରିନ ମାଧ୍ୟମରେ ପ୍ରଦର୍ଶିତ କରି ଲୋକ ମାନଙ୍କୁ ଶିକ୍ଷା ପ୍ରଦାନ କରିଥିଲେ। ଏହି ଚାଷ କରିବା ପାଇଁ ବନବିଭାଗ ପକ୍ଷର ବନ ସଂରକ୍ଷଣ ସମିତି ଜରିଆରେ ୫ ହଜାରରୁ ପଚାଶ ହଜାର ଯାଏ ଋଣ ପ୍ରଦାନ କରାଯିବା ସହିତ ଅଧିକ ପ୍ରଶିକ୍ଷଣ ମାଗଣାରେ ଦିଆଯିବ ବୋଲି ବିଭାଗୀୟ ଅଧିକାରୀମାନେ ପ୍ରକାଶ କହିଥିଲେ। ଏହି ପ୍ରଶିକ୍ଷଣ ଶିବିରକୁ ପ୍ରୋଜେକ୍ଟ କୋଡିନେଟର ସୁପ୍ରଭା ପଣ୍ଡିତ ସଂଚାଳନ କରିଥିବା ବେଳେ ମଧୁସୂଦନ ସ୍ୱାଇଁ, ଏନଜିଓ କର୍ମୀ ରୁଦ୍ର ମାଧବ ସାହୁ ଶ୍ରଦ୍ଧାଞ୍ଜଳି ମାଲିକ, ବନରକ୍ଷୀ ଚନ୍ଦ୍ର ଶେଖର ପାଣିଗ୍ରାହୀ, ବିଜ୍ଞାନୀ ବେହେରା, ପ୍ରଭାସିନୀ ଗୌଡ ଓ ଶିଶିର ପ୍ରଧାନ ସହଯୋଗ କରିଥିଲେ। ଗେରଡ଼ା ବନପାଳ ଦିଲୀପ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ

# ପ୍ରଶାସନ ଏକାଦଶ ସହ ପ୍ରେସ୍ ଏକାଦଶ ଟ୍ୱେଣ୍ଟି ଟ୍ୱେଣ୍ଟି

ଗଞ୍ଜାମ,୨୨।୮(ବିଦ୍ୟାଧର ସାହୁ):

ଅଗଷ୍ଟ ୩୧ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ଆସନ୍ତା ୨୭ ରବିବାର ଏକ ବନ୍ଧୁତ୍ୱପୂର୍ଣ୍ଣ ଟ୍ୱେଣ୍ଟି ଟ୍ୱେଣ୍ଟି କ୍ରିକେଟ ମ୍ୟାଚ ଅନୁଷ୍ଠିତ ହେବ। ପ୍ରଶାସନ ଏକାଦଶ ସହ ପ୍ରେସ ଏକାଦଶ ମଧ୍ୟରେ ମ୍ୟାଚ ହେବ। ଏନଏସି ପ୍ରଶାସନ ଏହାକୁ ଆୟୋଜନ କରୁଛି। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଏନଏସି ଇଓ ଅବିନାଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଏନଏସି ତହସିଲ ବ୍ଲକ ଓ ପୋଲିସ ପ୍ରଶାସନ ଅଂଶଗ୍ରହଣ କରିବେ। ଗଞ୍ଜାମ ପ୍ରେସକ୍ଲବ ଓ ମିଡ଼ିଆ ହାଉସ ମିଳିତ ଭାବେ ପ୍ରଶାସନକୁ ମୁକାବିଲା କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଉକ୍ତ ୨୦-୨୦ କ୍ରିକେଟ ମ୍ୟାଚ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏଥିପାଇଁ


ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧି।

ତହସିଲଦାର ଅରୁଣ କୁମାର ନାୟକ ଓ ବ୍ଲକ ଉନ୍ନୟନ ଅଧିକାରୀ ଜସ୍ମିନ ପ୍ରଧାନ ସହମତି ପ୍ରକାଶ କରିଛନ୍ତି। ଉଭୟ ପ୍ରଶାସନ ଓ ମିଡ଼ିଆ ଗୋଟିଏ ଦିନ ମଧ୍ୟରେ ୧୫ଜଣିଆ ଟିମ ଚୟନ କରିବା ପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଇଛି। ଏହି ପ୍ରସ୍ତୁତି ବୈଠକରେ ଶବର କୁମାର ତରାଇ, କୃଷ୍ଣଚନ୍ଦ୍ର ପ୍ରଧାନ, ଉମାକାନ୍ତ ବେହେରା, ବିଦ୍ୟାଧର ସାହୁ, ପ୍ରଦୀପ କୁମାର ପଣ୍ଡା, ଶିବାନନ୍ଦ ପଲାଇ, କୃଷ୍ଣଚନ୍ଦ୍ର ଦାଶ ଉପସ୍ଥିତ ଥିଲେ ଏବଂ କ୍ରିକେଟ ମ୍ୟାଚକୁ ଆକର୍ଷଣୀୟ କରିବା ନେଇ ନିଜ ନିଜ ସୁଚିନ୍ତିତ ମତ ଉପସ୍ଥାପନ କରିଥିଲେ।

## ଅଗ୍ନିଶମ ବାହିନୀର ଅଗ୍ନି ସୁରକ୍ଷା, ମକ୍‌ଡ୍ରିଲ

ଜି.ଉଦୟଗିରି,୨୨।୮(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ସୋମବାର ସ୍ଥାନୀୟ ଅଗ୍ନିଶମ ବାହିନୀ ଅଧିକାରୀ ମନୋରଞ୍ଜନ ପାଢୀଙ୍କ ନେତୃତ୍ୱରେ ଅଗ୍ନି ସୁରକ୍ଷା ତାଲିମ ଓ ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ରଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହିଥିଲେ। ଅଗ୍ନିଶମ ବାହିନୀ କର୍ମଚାରୀମାନେ ନିଆଁଠାରୁ ନିଜକୁ କିପରି ସୁରକ୍ଷା କରିବା ସେ ବିଷୟରେ ତାଲିମ ପ୍ରଦାନ କରିଥିଲେ। ବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଏହି ଶିବିରରେ ଯୋଗ ଦେଇଥିଲେ ଓ ଉତ୍ସାହ ସହିତ ତାଲିମ ନେଇଥିଲେ।

# ସମୁଦ୍ରରେ ବୁଡ଼ି ଯାଉଥିବା ୨ ନାବାଳକ ଉଦ୍ଧାର

ଗୋପାଳପୁର,୨୨।୮(ନବୀନ ରାଜ ଆଚାରୀ)

ମଙ୍ଗଳବାର ଗୋପାଳପୁର ସମୁଦ୍ରର ବେଳାଭୂମିରେ ବୁଡ଼ି ଯାଉଥିବା ବେଳେ ଦୁଇ ନାବାଳକଙ୍କୁ ଲାଇଫଗାର୍ଡ ଉଦ୍ଧାର କରିଛନ୍ତି। ସେମାନେ ହେଲେ ବିଶାଖାପାଟଣାର ରିହାନ ଅଲିବେଗ (୧୫) ଏବଂ ବ୍ରହ୍ମପୁରର ଇରଫାନ ଅଲି (୧୫)। ବ୍ରହ୍ମପୁର ସୋମନାଥ ନଗରରେ ରହୁଥିବା ଦାଦା ଘରକୁ ବିଶାଖାପାଟଣାର ରିହାନ ବୁଲିବାକୁ ଆସିଥିଲା। ମଙ୍ଗଳବାର ପରିବାର ସହ ଗୋପାଳପୁର ବେଳାଭୂମିକୁ ବୁଲିବାକୁ ଆସି ସମୁଦ୍ରରେ ଗାଧୋଉ ଥିବା ବେଳେ ଏକ ଢେଉରେ ପାଣି ଭିତରକୁ ଚାଲିଯାଇଥିଲେ। ଡ୍ୟୁଟିରେ ଥିବା ଲାଇଫଗାର୍ଡ ଜି. ଟିଟି ବାବୁ ଓ ଲିଙ୍ଗରାଜ ବେହେରା ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ସହାୟତାରେ ଉଭୟଙ୍କୁ ଉଦ୍ଧାର କରିଥିଲେ। ପରେ ସେମାନଙ୍କୁ ପ୍ରାଥମିକ ଚିକିତ୍ସା କରି ସୁସ୍ଥ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

# ମଟନ ଦର ସହ ସମାନ ଫୁଟୁକୁଲି ଛତୁ, ଶ୍ରାବଣ କଢ଼

ଖଜୁରିପଡ଼ା,୨୨।୮(ବିଦୁର ବେହେରା)

ବର୍ଷକୁ ବାର ମାସରେ ପ୍ରକୃତିଠାରୁ ବିଭିନ୍ନ ପ୍ରକାର ଖାଦ୍ୟ ପଦାର୍ଥ ପାଉ। ବର୍ଷା ଋତୁରେ ବିଭିନ୍ନ ପ୍ରକାରର ଛତୁ ବଣ ଜଙ୍ଗଲରୁ ମିଳେ। ସାରାବିଶ୍ୱରେ ପ୍ରାୟ ୪୦୦ପ୍ରକାର ଛତୁ ଦେଖାଯାଏ। ତନ୍ମଧ୍ୟରୁ ଅନ୍ୟୂନ ୨୦୦ପ୍ରଜାତିର ଛତୁ ଅଧୁନା ଅବଲୁପ୍ତ ପ୍ରାୟ। ଛତୁ ମଧ୍ୟରେ, ଫୁଟୁ କୁଲି ଛତୁ,ବାଲି ଛତୁ, ଶ୍ରାବଣ କଢ଼ ଛତୁ, ନାଡ ଛତୁ, ହୁଙ୍କା ଛତୁ, ପାଳ ଛତୁ, ଖୁଦ ଛତୁ ବେଶ ଆଦର ରହିଛି। ବର୍ଷା ହେଲେ ଗ୍ରାମର ଲୋକମାନେ ସକାଳୁ ପଡ଼ିଆ, ବଣ, ଜଙ୍ଗଲ ଓ ବିଲ ମାଳ ଅଞ୍ଚଳରେ ଛତୁ ସଂଗ୍ରହ କରନ୍ତି। ତାପରେ ବଜାରରେ ବିକ୍ରି କରି ଦୁଇ ପଇସା ରୋଜଗାର କରନ୍ତି। ଜଳ ବାୟୁ ପରିବର୍ତ୍ତନ ସହିତ ରାସାୟନିକ ସାର ବ୍ୟବହାର ଯୋଗୁ ଅଧିକାଂଶ ଛତୁ ଏବେ ଦେଖିବାକୁ ମିଳୁନାହିଁ। ତେଣୁ ଛତୁ ଚଢା ଦରରେ ବିକ୍ରି ହୁଏ। ମଟନ ଦର ସହ ସମାନ କନ୍ଧମାଳର ଫୁଟୁକୁଲି ଛତୁ ଏବଂ ଶ୍ରାବଣ କଢ଼ ଛତୁ। ବଜାରରେ



ଏକ କିଲୋ ମାଟିଛତୁର ଦର ୬୦୦ରୁ ୬୫୦ ଟଙ୍କା ରହିଥିବା ବେଳେ ଶ୍ରାବଣ କଢ଼ ଛତୁ ୧୦୦୦ ରୁ ୧୨୦୦ ଟଙ୍କା ରହିଛି। ଖଜୁରିପଡ଼ା ବ୍ଲକର ସୁଦ୍ରୁକୁମ୍ପା, ସୁଡ୍ରେଜ୍ଞୁ, ବିଲାବାଡ଼ି, କାକେନ୍ଦ୍ରି, ଅଞ୍ଚଳରୁ ଏବଂ ଫିରିଙ୍ଗିଆ ବ୍ଲକର ଫିରିଙ୍ଗିଆ ବାଲନ୍ଦପଡ଼ା ଓ ଗୋଛପଡ଼ା,ଲୁଇସିଂ, ଫୁଲବାଣୀ ବ୍ଲକ୍‌ର କଳା ବାଘ ଜାମୁଝରି ଆଦି ପାହାଡ଼ିଆ ଅଞ୍ଚଳରେ ବିଭିନ୍ନ କିସମର ଛତୁ ମିଳିଥାଏ। ସେଥି ମଧ୍ୟରୁ ଶ୍ରାବଣ କଢ଼, ବାଲି ଛତୁ ଓ ବାଟିଛତୁ ବା ଫୁଟୁକୁଲି ଛତୁ ଭଳି ଅନେକ ଦେଶୀଛତୁ ଦେଖିବାକୁ ମିଳେ। ଏହିସବୁ ପ୍ରାକୃତିକ ପରିବେଶରେ ହିଁ ଫୁଟିଥାଏ। ତେବେ କନ୍ଧମାଳରେ ଏବେ ପାଗ ଅନୁକୂଳ ରହିଥିବାରୁ ଗତ କିଛି ଦିନ ହେବ ବଜାରକୁ ଆସୁଛି ବାଟି ଛତୁ ଏବଂ ଶ୍ରାବଣ କଢ଼ ଛତୁ। ମାଟି ଛତୁର ଅନ୍ୟନାମ ଫୁଟୁକୁଲି ଛତୁ। ମାଟି ସାଲୁବାଲୁ ହୋଇଥିବା ଏହି ଗୋଲ୍ ଗୋଲ୍ ଛତୁକୁ ପଶ୍ଚିମ ଓଡିଶାରେ ରୁଗୁଡ଼ି ଛତୁ କୁହାଯାଉଥିବା ବେଳେ ମଧ୍ୟଓଡ଼ିଶାରେ ଏହାକୁ ରୁଟକା ଛତୁ କୁହାଯାଏ। ଶ୍ରାବଣରେ ମିଳୁଥିବା ଏହି ସ୍ୱାଦିଷ୍ଟ ଛତୁର ବହୁ ଆଦର ରହିଛି। ଗାଁ ଗାଁ ବୁଲି ୩ ରୁ ୪ କିଲୋ ଛତୁ ସଂଗ୍ରହ କରି ବଜାରରେ ବିକ୍ରି କରନ୍ତି ବୋଲି ବ୍ୟବସାୟୀ ରଞ୍ଜିତ ଖଟୁଆରୀ ଏବଂ ରଞ୍ଜନ ଦିଗାଲ କହିଛନ୍ତି। ଫୁଟୁ କୁଲି ଛତୁ ଶାଳଗଛ ମୂଳର ଚାରିକଡ଼ରୁ ହିଁ ମିଳିଥାଏ। ସେହିପରି ବର୍ଷା ହେଲେ ଶ୍ରାବଣ କଢ଼ ଛତୁ ଫୁଟେ। କେବଳ ଆଷାଢ଼ ଓ ଶ୍ରାବଣ ଭାଦ୍ରବ ମାସରେ ଛତୁ ମିଳୁଥିବାରୁ ଚଢା ଦରରେ ବିକ୍ରି ହେଲେ ସୁଧା ଗ୍ରାହକମାନେ ଏହାକୁ କିଣି ନେଉଛନ୍ତି।

## ପିପୁଲ୍ସ କଲେଜ କଳା ବିଭାଗର ନୂତନ ପ୍ରକୋଷ୍ଠ ଉଦ୍‌ଘାଟିତ

ବୁଗୁଡା,୨୨।୮(କାଳୀ ଚରଣ ଦାଶ)

ସ୍ଥାନୀୟ ପିପୁଲ୍ସ କଲେଜ ପରିସରରେ ନବ ନିର୍ମିତ କଳା ବିଭାଗ ପ୍ରକୋଷ୍ଠର ଉଦ୍‌ଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ ଯୋଗ ଦେଇ କଳା ବିଭାଗ ନିମନ୍ତେ ଉଦ୍ଦିଷ୍ଟ ପ୍ରକୋଷ୍ଠକୁ ଉଦ୍‌ଘାଟନ କରିଥିଲା ବେଳେ ସମ୍ମାନିତ ଅତିଥି ଭାବେ କଲେଜ ପରିଚାଳନା କମିଟି ସଭାପତି ରଜନୀ କାନ୍ତ ଭଞ୍ଜ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମକୁ କଳା ବିଭାଗର ଅଧ୍ୟାପକ ଓ ଅଧ୍ୟାପିକାମାନେ ପରିଚାଳନା କରିଥିବା ବେଳେ ଆବଶ୍ୟକତା ଭିତ୍ତିରେ ଶ୍ରେଣୀ କକ୍ଷର ଅଭାବ ପୂରଣ ହେତୁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଖୁସି ଦେଖିବାକୁ ମିଳିଥିଲା।

# କାୟା ବିସ୍ତାର କରୁଛି ଡେଙ୍ଗୁ, ସାରାଗ୍ରାମରୁ ୨୭ ପଜିଟିଭ ଚିହ୍ନଟ

ପାରଳାଖେମୁଣ୍ଡି,୨୨।୮(ଗିରିଧାରୀ ପରିଚ୍ଛା):

ଗଜପତି ଜିଲାରେ ଏବେ ଡେଙ୍ଗୁ ରୋଗ ତା'ର କାୟା ବିସ୍ତାର କରିବାକୁ ଲାଗିଛି। କାଶୀନଗର ବ୍ଲକ ସାରା ଗ୍ରାମରୁ ୨୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଗତ ୧୪ ତାରିଖରୁ ମଙ୍ଗଳବାର ମଧ୍ୟରେ ଏତେସଂଖ୍ୟକ ଡେଙ୍ଗୁ ରୋଗୀ ଚିହ୍ନଟ ହେବା ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢାଇ ଦେଇଛି। ସେହିପରି ଗ୍ରାମର ୫୩ ଜଣ ଜ୍ୱରରେ ପୀଡିତ ହୋଇସାରିଥିବାରୁ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଅଧିକାଂଶ ରୋଗୀ ଆନ୍ଧ୍ରପ୍ରଦେଶର ଏକ ଘରୋଇ ହସପିଟାଲକୁ ଯାଇ ଚିକିତ୍ସିତ ହେଉଥିବା ସୂଚନା ମିଳିଛି। ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିଥିବା ସୂଚନା ପ୍ରକାରେ, ସାରା ଗ୍ରାମରେ ୨୭ ଜଣ ଡେଙ୍ଗୁ ରୋଗରେ ପୀଡିତ ହୋଇଛନ୍ତି। ଏହି ୨୭ ଜଣଙ୍କ ରକ୍ତ ନମୁନା ସଂଗ୍ରହ କରି ଅଧିକ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଥିବା ଜିଲା ସ୍ୱାସ୍ଥ୍ୟ



ବିଭାଗ ପକ୍ଷରୁ କୁହାଯାଇଛି। ଜ୍ୱରରେ ପୀଡ଼ିତ ପ୍ରତ୍ୟେକଙ୍କୁ ଆବଶ୍ୟକୀୟ ଔଷଧ ପ୍ରଦାନ କରାଯାଇଥିବା ବେଳେ ସେମାନଙ୍କ ଚିକିତ୍ସା ବ୍ୟବସ୍ଥା ତଦାରଖ କରାଯାଉଥିବା ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ପ୍ରଦୀପ କୁମାର ପାତ୍ର କହିଛନ୍ତି। ସେହିପରି ଗ୍ରାମରେ ମଶା ନିପାତ ଧୂଆଁ ଛଡା ଯିବା ସହ ପାଣି ଜମି ରହିଥିବା ସ୍ଥାନକୁ ସଫା କରାଯାଇଛି। ଡେଙ୍ଗୁ ଲାର୍ଭା ଖୋଜି ନଷ୍ଟ କରାଯାଇଛି ବୋଲି ଡା. ପାତ୍ର କହିଛନ୍ତି । ପ୍ରକାଶଥାଉକି, ମଙ୍ଗଳବାର ସୁଦ୍ଧା ଗଜପତି ଜିଲାରୁ ମୋଟ ୪୧ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଗୁମ୍ମା ବ୍ଲକର ୩ ଜଣ ଥିବାବେଳେ ମୋହନାର ୫ ଜଣ, କାଶୀନଗରର ୩୨ ଜଣ, ପାରଳାଖେମୁଣ୍ଡିର ଜଣେ ଓ ଅନ୍ୟ ଜଣେ ବାହାର ରାଜ୍ୟରୁ ଆସିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। କିଛି ଦିନ ତଳେ ଗୁମ୍ମା ବ୍ଲକର ନାମନଗଡରେ ୧୧ରୁ ଅଧିକ ଲୋକ ଜ୍ୱରରେ ପୀଡିତ ହୋଇଥିଲେ। ସେଥିରୁ ୨ ଜଣଙ୍କ ଠାରେ ଡେଙ୍ଗୁ ପଜିଟିଭ ବାହାରିଥିଲା। ଡେଙ୍ଗୁରେ ପୀଡିତ ହୋଇ ଜଣେ ଯୁବକ ବ୍ରହ୍ମପୁର ଏମକେସିଜିରେ ପ୍ରାଣ ହରାଇଥିଲେ। ଅପରପକ୍ଷରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡେଙ୍ଗୁ ରୋଗୀଙ୍କ ଚିକିତ୍ସା ପାଇଁ ସେଭଳି କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନଥିବା ଲୋକେ ଅଭିଯୋଗ କରିଛନ୍ତି। ଫଳରେ ରୋଗୀ ଶ୍ରୀକାକୁଲମ, କିମ୍ବା ବିଶାଖାପାଟଣା ନଚେତ ବ୍ରହ୍ମପୁର ଯିବାକୁ ବାଧ ହେଉଛନ୍ତି। ରୋଗୀ ଗୁରୁତର ହେବାପରେ ବାହାରକୁ ଯାଉଛନ୍ତି। ତେଣୁ ଏହାର ତୁରନ୍ତ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା ପାଇଁ ବୁଦ୍ଧିଜୀବୀ ଶଙ୍କର ପ୍ରସାଦ ବକ୍ସି, ବସନ୍ତ କୁମାର ପଣ୍ଡା, ବିଷ୍ଣୁ ପ୍ରସାଦ ପାଢ଼ୀ ପ୍ରମୁଖ ଦାବି କରିଛନ୍ତି।

## ସଂକ୍ଷେପରେ

### ଭିତ୍ତିପ୍ରସ୍ତର ସ୍ଥାପନ

ଆସିକା,୨୨।୮ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକର ବାବନପୁର ଗ୍ରାମରେ ମଙ୍ଗଳବାର ମଧ୍ୟାହ୍ନରେ ଏକ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଓ ବଜାର ଗୃହର ଭିତ୍ତିପ୍ରସ୍ତର ସ୍ଥାପନ ଆସିକା ଏମପି ପ୍ରମିଳା ବିଷୋୟୀ ଓ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। ୪୧ଲକ୍ଷ ଟଙ୍କା ବ୍ୟୟରେ ଏହି ସ୍ୱାସ୍ଥ୍ୟ ଉପକେନ୍ଦ୍ର ଓ ୧୦ ଲକ୍ଷ ଟଙ୍କା ବ୍ୟୟରେ ବଜାର ଗୃହ ଲାଗି ଅଟକଳ କରାଯାଇଥିବା ଜଣାଯାଇଛି । ଏହି ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ବାବନପୁର ଓ ଆଖପାଖ ପଞ୍ଚାୟତର ଜନସାଧାରଣ ବିଶେଷ ଭାବେ ଉପକୃତ ହେବେ । କାର୍ଯ୍ୟକ୍ରମରେ ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ଜିଲ୍ଲାପରିଷଦ ସଦସ୍ୟା ସୌଦାମିନି ନାୟକ, ଅନିଲ କୁମାର ନାୟକ, ରାଜେଶ ପଟ୍ଟନାୟକ, ଦିଲ୍ଲୀପ ପାଣିଗ୍ରାହୀ, ଅଭିମନ୍ୟୁ ନାହାକ ଉପସ୍ଥିତ ଥିଲେ ।

### କ୍ଲଷ୍ଟରସ୍ତରୀୟ ସହଭାଗିତା ବୈଠକ କାର୍ଯ୍ୟକ୍ରମ

ଦିଗପହଣ୍ଡି,୨୨।୮ (ଅଶେଷ ନାଥ ମିଶ୍ର)

ଶିକ୍ଷୟତ୍ରୀ ଶିକ୍ଷକମାନଙ୍କ ନିରନ୍ତର ବୃତ୍ତିଗତ ଦକ୍ଷତା ବିକାଶ ପାଇଁ ଦିଗପହଣ୍ଡି ମଧୁବିଦ୍ୟାପୀଠ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ସହଭାଗିତା ବୈଠକ ଅନୁଷ୍ଠିତ ହୋଇଯାଇଛି। ନଗର କ୍ଲଷ୍ଟର ସିଆରସିସି ଅନିଲ କୁମାର ଦାସ ଏବଂ ପୂର୍ବତନ ସିଆରସିସି ଉପେନ୍ଦ୍ର ପଣ୍ଡାଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ବାଳା ମାଝୀ, ପ୍ରଶିକ୍ଷିକା ନିବେଦିତା ପାଢ଼ୀଙ୍କ ସମେତ ୯ଟି ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ଓ ପ୍ରଧାନଶିକ୍ଷକ ଉପସ୍ଥିତ ଥିଲେ। ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ସମ୍ବନ୍ଧୀୟ ଶିକ୍ଷା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା।

### କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତାଲିମ ଶିବିର ଉଦ୍‌ଯାପିତ

ପାରଳାଖେମୁଣ୍ଡି,୨୨।୮ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲ୍ଲା କାଶୀନଗର ବ୍ଲକ ଅନ୍ତର୍ଗତ ଖାରଡା ଗ୍ରାମର ବିଏମ ଉଚ୍ଚ ବିଦ୍ୟାଳୟରେ ତିନି ଦିନ ଧରି ଚାଲିଥିବା କ୍ରୀଡାଙ୍ଗନ ତାଲିମ ଶିବିର ରବିବାର ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା କ୍ରୀଡା ନିରୀକ୍ଷକ ସୁରେନ୍ଦ୍ର କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଆମୋସ ଲିମା, ଜିଲ୍ଲାସ୍ତରୀୟ କ୍ରୀଡ଼ାଙ୍ଗନ ସମ୍ବଳ ସାଧକ ସଞ୍ଜୟ କୁମାର ପାତ୍ର, ପ୍ରୀୟଦର୍ଶୀ ମିଶ୍ର, ଲାବନ ଭୂୟାଁ, ସନ୍ତୋଷ କୁମାର ଦୋରା, ବିକାଶ କୁମାର ପାଣିଗ୍ରାହୀ ପ୍ରମୁଖ ଉତ୍ସବରେ ଯୋଗଦେଇଥିଲେ। ଗୁମ୍ମା ଓ କାଶୀନଗର ବ୍ଲକର ୪୦ଜଣ ଯୋଗଦେଇଥିଲେ। ମୋ ସ୍କୁଲ ଅଭିଯାନ ପରିଚାଳନା ସଂଗଠନ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ପ୍ରଥମ ଦିନରେ କାଶୀନଗର ଗୋଷ୍ଠୀ ଶିକ୍ଷାଧିକାରୀ ଆଦିକନ୍ଦ ଗମାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡା ଶିକ୍ଷକମାନଙ୍କ କର୍ତ୍ତବ୍ୟ ସମ୍ପାଦନା ଉପରେ ଆଲୋକପାତ କରିଥିଲେ। ବିଏମ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ଗୌରୀ ପ୍ରସାଦ ରଣାଙ୍କ ସହ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀମାନେ ସହଯୋଗ କରିଥିଲେ।

### ଚାରିଛକ ରାସ୍ତା ପାର୍ଶ୍ୱରେ କୁଢ଼ କୁଢ଼ ଆବର୍ଜନା

ଧରାକୋଟ, ୨୨।୮ (ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଧରାକୋଟ ନିକଟସ୍ଥ ବ୍ୟବସାୟିକ ପେଣ୍ଠସ୍ଥଳୀ ଭାବରେ ପରିଚିତ ଚାରିଛକର ରାସ୍ତା କଡ଼ରେ ପ୍ରତିଦିନ କୁଢ଼କୁଢ଼ ଅଳିଆ ଆବର୍ଜନା ଦେଖିବାକୁ ମିଳୁଛି। ଦୋକାନୀମାନେ ଏହାକୁ ଜମା କରୁଥିବା ଯୋଗୁଁ ପୁତି ଗନ୍ଧମୟ ପରିବେଶ ସୃଷ୍ଟି ହୋଇ ପ୍ରଦୂଷିତ ହେଉଛି। ଧରାକୋଟ, ବାହାରପୁର ଓ ରୁଗୁମୁ ଭଳି ତିନୋଟି ପଞ୍ଚାୟତର ମିଳନ ସ୍ଥଳୀ ଭାବରେ ଚାରିଛକ ପରିଚିତ । ଏଠାରେ ପ୍ରାୟ ଶହେଗୋଟି ଦୋକାନ ରହିଛି। ପ୍ରାୟ କୋଡିଏ ଖଣ୍ଡ ଗାଁର ଲୋକେ ପ୍ରତିଦିନ ବ୍ୟବସାୟିକ କାର୍ଯ୍ୟରେ ଆସନ୍ତି। ହେଲେ ଏଠାରେ ବର୍ଜ୍ୟବସ୍ତୁ ନଷ୍ଟ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଏଣୁ ଦୋକାନୀମାନେ ପ୍ରତିଦିନର ଅବ୍ୟବହୃତ ଓ ଅନାବନା ସାମଗ୍ରୀକୁ ରାସ୍ତା ପାର୍ଶ୍ୱରେ ଫିଙ୍ଗି ଦେଉଛନ୍ତି। ଏଥିଯୋଗୁଁ ଧରାକୋଟ ରାସ୍ତା, ଜାନବିଲି ରାସ୍ତା, ରୁଗୁମୁ ରାସ୍ତା ଓ ଡାକିବଜା ରାସ୍ତା କଡ଼ରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେବା ସହ ପ୍ରଦୂଷିତ ହେଉଛି। ଫଳରେ ସଂକ୍ରାମକ ରୋଗ ବ୍ୟାପୀବାର ସମ୍ଭାବନା ସୃଷ୍ଟି ହୋଇଛି। ଏଣୁ ଏଠାରେ ଏକ ଡମ୍ପିଂ ୟାର୍ଡ ପ୍ରତିଷ୍ଠା ପାଇଁ ବଣିକ ସଂଘ ତରଫରୁ ଦାବି ହେଉଛି।

# ଗୁଣିଗାରେଡ଼ିକୁ କେନ୍ଦ୍ରକରି ଉତ୍ତେଜନା

ଆସିକା,୨୨।୮ (ସୁରେନ୍ଦ୍ର ନାଥ ସାହୁ)



ଥାନା ସମ୍ମୁଖରେ ଉତ୍ତ୍ୟକ୍ତ ଗ୍ରାମବାସୀଙ୍କ ଭିଡ଼।

କୋଟିନଡ଼ା ଥାନା ଅନ୍ତର୍ଗତ ଆସିକା-କବିସୂର୍ଯ୍ୟନଗର ମୁଖ୍ୟରାସ୍ତାର କୋଟିନଡ଼ା ଗ୍ରାମରେ ଗୁଣିଗାରେଡ଼ିକୁ କେନ୍ଦ୍ର କରି ମଙ୍ଗଳବାର ଶତାଧିକ ପୁରୁଷ ଓ ମହିଳା ଥାନା ପରିସରରେ ରୁଣ୍ଡ ହୋଇଥିଲେ। ଗୁଣିର ଶିକାର ହୋଇଥିବା ସନ୍ଦେହ କରି ପୀଡିତା ମହିଳାଙ୍କୁ ମଧ୍ୟ ଲୋକମାନେ ପୋଲିସ ସମ୍ମୁଖକୁ ଆଣିଥିଲେ। ସଂପୃକ୍ତ ଗ୍ରାମରେ ସନ୍ଦେହ କରାଯାଉଥିବା ଗୁଣିଆକୁ ଚିହ୍ନଟ ଲାଗି ଉତ୍ତ୍ୟକ୍ତ ଗ୍ରାମବାସୀ ପୋଲିସକୁ ଅନୁମତି ମାଗିଥିଲେ। ଘଟଣାସ୍ଥଳରେ ଆସିକା ଏସ୍‌ଡିପିଓ ଉମା ଶଙ୍କର ସିଂ, ଥାନା ଅଧିକାରୀ କୃଷ୍ଣଚନ୍ଦ୍ର ସାହା ଏବଂ କେତେକ ଲୋକ ପ୍ରତିନିଧି ଉତ୍ତ୍ୟକ୍ତ ଜନସାଧାରଣଙ୍କୁ ଏଭଳି ଭ୍ରାନ୍ତ ଚିନ୍ତାଧାରାରୁ ଦୂରେଇ ଆବଶ୍ୟକୀୟ ଚିକିତ୍ସା ଲାଗି ପରାମର୍ଶ ଦେବା ସହ ଗ୍ରାମରେ ଭାଇଚାରା ଭାବ ଅତୁଟ ରଖିବା ଲାଗି କହିଥିଲେ। ପରେ ପରିସ୍ଥିତି ଶାନ୍ତ ପଡିଥିଲା। ଗ୍ରାମବାସୀ ଏକ ବୈଠକରେ ସେମାନଙ୍କ ଚିକିତ୍ସା ଲାଗି ପଦକ୍ଷେପ ନେବା ସହ ଭବିଷ୍ୟତ କାର୍ଯ୍ୟପନ୍ଥା ନିରୁପଣ ଲାଗି ଆଲୋଚନା କରିଥିବା ଜଣାଯାଇଛି। ପ୍ରକାଶ ଯେ, ଗତ ଚାରି ପାଞ୍ଚ ବର୍ଷ ମଧ୍ୟରେ ସେହି ଗ୍ରାମର କେତେକ ବ୍ୟକ୍ତିଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି । ଗତ ଦୁଇମାସ ହେଲା କୋଟିନଡା ଗ୍ରାମର ଗନ୍ଧର୍ଭ ମହାନ୍ତି ଏବଂ ତାଙ୍କ ପରିବାରର ଅନ୍ୟ ଦୁଇଜଣଙ୍କ ଅସ୍ୱାଭାବିକ ଚାଲିଚଳନ, ହାବଭାବ ଓ ଭୂତସବାର ଥିବା ଭଳି ପରିସ୍ଥିତି ଏହି ଚିନ୍ତାଧାରାକୁ ଅଧିକ ଦୃଢ କରିଥିଲା । ଗ୍ରାମବାସୀଙ୍କ କହିବାନୁଯାୟୀ ପୀଡ଼ିତଙ୍କୁ ଗାଁ ବାହାରକୁ ନେବା ପରେ ଭଲ ହୋଇଯାଉଥିଲା ବେଳେ ଭିତରକୁ ଆସିଲେ ପୁଣି ସେହିଭଳି ଅସ୍ୱାଭାବିକ ଭାବଭଙ୍ଗୀ ପ୍ରଦର୍ଶନ କରୁଛନ୍ତି। ଏପରିକି ପୂର୍ବରୁ ମୃତ୍ୟୁ ହୋଇଥିବା କେତେକ ବ୍ୟକ୍ତିଙ୍କ ନାମ କହୁଥିଲା ବେଳେ ଅନ୍ୟ କେତେକଙ୍କ ନାମରେ ମଧ୍ୟ ପ୍ରଳାପ କରୁଛନ୍ତି । ଏଭଳି ସ୍ଥିତିରେ ପ୍ରଶାସନ ଏହି ଘଟଣାକୁ ଗମ୍ଭୀରତାର ସହ ନେଇ ଜନସାଧାରଣ ମଧ୍ୟରେ ଉପୁଜୁଥିବା ଅନ୍ଧବିଶ୍ୱାସକୁ ଦୂରେଇବା ସହ ଦେଖାଦେଉଥିବା ସମସ୍ୟାର ଆବଶ୍ୟକୀୟ ଚିକିତ୍ସା ବ୍ୟବସ୍ଥା ପୂର୍ବକ ସମସ୍ୟାର ସମାଧାନ ଦିଗରେ ତତ୍ପର ହେବା ଲାଗି ସାଧାରଣରେ ମତପ୍ରକାଶ ପାଉଛି ।

# ଭିଜିଲାନ୍ସକୁ ନେଇ ବିବାଦ, ଉନ୍ନୟନ କାର୍ଯ୍ୟ ଠପ୍

ଗଞ୍ଜାମ,୨୨।୮ (ବିଦ୍ୟାଧର ସାହୁ)

ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଭିଜିଲାନ୍ସକୁ ନେଇ ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଏନ୍‌ଏସି ପକ୍ଷରୁ ଠିକାଦାର ମାନଙ୍କୁ କାର୍ଯ୍ୟବନ୍ଦ ନେଇ ଫୋନ ଏବଂ ଚିଠି ଯୋଗେ ଜଣାଯାଇଥିବାରୁ ବୁଦ୍ଧିଜୀବୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ସୋମବାର ଭିଜିଲାନ୍ସ ବିଭାଗର ଦୁଇଜଣିଆ ଟିମ ଆସି ଏନ୍‌ଏସିର ବିଭିନ୍ନ ଉନ୍ନୟନ କାର୍ଯ୍ୟର ଦୁଇ ବର୍ଷର ତାଲିକା ମାଗିବା ଓ କିଛି ଉନ୍ନୟନ କାର୍ଯ୍ୟସ୍ଥଳୀ ପରିଦର୍ଶନ କରିଥିଲେ। ଫଳରେ ଏ ନେଇ ଏନଏସିରେ କାର୍ଯ୍ୟରତ କର୍ମଚାରୀ ମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଘଟଣାର ଭିଜିଲାନ୍ସ ପକ୍ଷରୁ କ୍ଲିନଚିଟ ନ ଆସିଲା ଯାଏ ଉନ୍ନୟନ କାର୍ଯ୍ୟବନ୍ଦ ରହିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମିଶ୍ର ସୂଚନା ଦେଇଛନ୍ତି। ଅନ୍ୟପଟେ ଏନଏସିର ଉପନଗରପାଳ ସୁରେନ୍ଦ୍ର କୁମାର ବାରିକ, କାଉନସିଲର ପୁରୁଷୋତ୍ତମ ସାହୁ, ଚନ୍ଦ୍ରଶେଖର ରେଡ଼ି, ସୁଜାତା ମହାନ୍ତି, ସଂଯୁକ୍ତା ଦାଶ, ମହାଲକ୍ଷ୍ମୀ ନାୟକ, ସବିତା ବେହେରା ପ୍ରମୁଖ ମଙ୍ଗଳବାର ସହରରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ନିକଟରେ ପହଞ୍ଚି ବନ୍ଦ କରିବା ନେଇ ଠିକାଦାର ମାନଙ୍କୁ ତାଗିଦ କରିଛନ୍ତି। ୱାର୍ଡ ନମ୍ବର ୧ରେ କରଣ ସ୍ମାର୍ଟପାର୍କର ନିର୍ମାଣ କାର୍ଯ୍ୟ ଦୀର୍ଘ ମାସ ହେଲା ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଏହାର ବିଲ ପ୍ରଦାନ କରାଯାଇନଥିବା ନେଇ ଉଦ୍‌ବେଗ ପ୍ରକାଶ ପାଇଛି। କିଛି ନିର୍ଦ୍ଦିଷ୍ଟ ଠିକାଦାରଙ୍କ ବିଲ ପୈଠ କରାଯାଇଥିଲେ ମଧ୍ୟ ଆଉ କିଛି ୱାର୍ଡରେ ଚାଲିଥିବା ପ୍ରକଳ୍ପର ବିଲ ଉଦ୍ଦେଶ୍ୟମୂଳକ ଭାବେ ପ୍ରଦାନ କରାଯାଉନଥିବା ଅଭିଯୋଗ ହୋଇଛି। ଆଗାମୀ ଦିନରେ ଏହାର ଉଚିତ ଜବାବ ଦିଆଯିବ ବୋଲି ଉପାଧ୍ୟକ୍ଷ ସୁରେନ୍ଦ୍ର କୁମାର ବାରିକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଆବାସ ଯୋଜନାରୁ ବଞ୍ଚିତ କାମିନୀକଳା

ପୋଲସରା,୨୨।୮ (ସୁବ୍ରତ ବେହେରା)

ପୋଲସରା ବ୍ଲକ ଚଢିଆପଡ଼ା ଗ୍ରାମରେ ବହୁ ବର୍ଷ ଧରି ଭଙ୍ଗା ଟିଣ ଚାଳ କୁଡ଼ିଆ ଘରେ ଜୀବନ ଅତିବାହିତ କରୁଛନ୍ତି କାମିନୀ କଳା ସାହୁଙ୍କ ପରିବାର। ପରିବାର କହିଲେ ୭ ପ୍ରାଣୀ କୁଟୁମ୍ବ। ସ୍ୱାମୀ ବସନ୍ତ ସାହୁ ଓ ମାଆ, ବାପା ଦୁଇ ଝିଅ ଗୋଟିଏ ପୁଅ ଏହି ଭଙ୍ଗା ଘରେ ଜୀବନ ଅତିବାହିତ କରୁଛନ୍ତି। ସେହି ଘର ଆଗରେ କାମିନୀ କଳା ସାହୁ ନିଜର ଏକ ଛୋଟିଆ ବ୍ୟବସାୟ କରୁଛନ୍ତି। ସେଥିରୁ ଯାହା ରୋଜଗାର ହେଲା ସେଥିରେ ଚଳେ ପରିବାର। କେବଳ ସରକାରଙ୍କ ପକ୍ଷରୁ ରାସନ କାର୍ଡ ମାଧ୍ୟମରେ ପାଞ୍ଚ ଜଣଙ୍କୁ ଚାଉଳ ମିଳୁଥିବା ବେଳେ ବୃଦ୍ଧ ବାପା ମା' ଙ୍କୁ ମିଳୁନାହିଁ। ଏଭଳି କି ବାର୍ଦ୍ଧକ୍ୟ ଭତ୍ତା ମଧ୍ୟ ମିଳୁ ନଥିବା କହିଛନ୍ତି ମା' ଭାନୁ ସାହୁ। ବର୍ଷା ହେଲେ ସେହି ଭଙ୍ଗା କୁଡିଆ ଘରେ ଚଳିବା ବହୁତ କଷ୍ଟ ହେଉଥିବା ବେଳେ ଅନ୍ୟତ୍ର ପଡିଶା ଘରର


ଭଙ୍ଗା କୁଡ଼ିଆ ଘର ଆଗରେ କାମିନୀକଳା ସାହୁଙ୍କ ପରିବାର।

ଆଶ୍ରୟ ନିଅନ୍ତି। ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଜନା ଲିଷ୍ଟରେ ପାଇବାକୁ ଯୋଗ୍ୟଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଅସହାୟ ପରିବାରକୁ ମିଳି ପରିଲା ନାହିଁ। ବାରମ୍ବାର ବ୍ଲକ ଅଫିସକୁ ଧାଇଁ ଧାଇଁ ନୟାନ୍ତ ହେଲେଣି ପରିବାର। ଅନ୍ୟପଟେ ଏହି ପରିବାର ଆବାସ ଗୃହ ପାଇବାକୁ ଯୋଗ୍ୟ ଲିଷ୍ଟରେ ରହିଛି ବୋଲି କହିଛନ୍ତି ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧର୍ମରାଜ ପରିଡା। ତୁରନ୍ତ ଏହି ଅସହାୟ ପରିବାରକୁ ଘର ଯୋଗାଇଦେବାକୁ ସାହି ପଡୋଶୀ ନିବେଦନ କରିଛନ୍ତି।

### ଡମ୍ବଗୁଡ଼ାରେ ପରଳ ଚକ୍ଷୁ ପରୀକ୍ଷା ଶିବିର

ମୋହନା,୨୨।୮ (ମନ୍ମଥ ମିଶ୍ର)

ମୋହନା ବ୍ଲକ ଅନ୍ତର୍ଗତ ଡମ୍ବଗୁଡାଠାରେ ସରପଞ୍ଚ କଲବା ମଲ୍ଲିକ ତତ୍ତ୍ୱାବଧାନରେ ଶଙ୍କର ଚକ୍ଷୁ ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ଏକ ମାଗଣା ପରଳ ଚକ୍ଷୁ ପରୀକ୍ଷା ଶିବିର ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଠାରେ ଆୟୋଜନ କରାଯାଇଛି। ଉକ୍ତ ଶିବିରରେ ସରପଞ୍ଚ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ନାୟବ ସରପଞ୍ଚ ପୁଷ୍ପିତ ବଡ଼ମାଝୀ ଏବଂ ପଞ୍ଚାୟତର ସମସ୍ତ କାର୍ଯ୍ୟକାରୀ ସଦସ୍ୟ, ଆଶା, ଅଙ୍ଗନୱାଡ଼ି, ଏମବିକେ, ମିଶନ ଶକ୍ତି ସଦସ୍ୟଗଣ ଉପସ୍ଥିତ ଥିଲେ। ମୋଟ ୭୭ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ୧୨ ଜଣ ବ୍ୟକ୍ତିଙ୍କୁ ଚଷମା ଦିଆଯାଇଥିଲା। ମୋଟ ୩୦ ଜଣ ବ୍ୟକ୍ତିଙ୍କୁ ପରଳ ବା ମୋତିଆବିନ୍ଦୁ ଚିହ୍ନଟ କରାଯାଇଥିଲା। ୮ ଜଣଙ୍କର ରେଟିନା ଚେକ ଅପ କରାଯାଇଥିଲା।

# ଶ୍ରବଣ ପରୀକ୍ଷା ଭ୍ୟାନ୍‌କୁ ସ୍ୱାଗତ

ବେଲଗୁଣ୍ଠା,୨୨।୮ (କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆଇନା ସହାୟତାରେ ଆରମ୍ଭ ହୋଇଥିବା ଭ୍ରାମ୍ୟମାଣ ଶ୍ରବଣ ପରୀକ୍ଷା ଭ୍ୟାନ୍‌କୁ ମଙ୍ଗଳବାର ବେଲଗୁଣ୍ଠା ଠାରେ ସ୍ୱାଗତ କରାଯାଇଛି। ଗତ ସ୍ୱାଧୀନତା ଦିବସ ଅବସରରେ ଭଞ୍ଜନଗର ଠାରେ ଉପଜିଲାପାଳ ଜ୍ୟୋତିଶଙ୍କର ରାୟ ଏହି ଭ୍ରାମ୍ୟମାଣ ଶ୍ରବଣ ପରୀକ୍ଷା ଭ୍ୟାନ୍‌କୁ ଉଦଘାଟନ କରିଥିଲେ। ଏହି ଭ୍ୟାନ୍ ଜରିଆରେ ବେଲଗୁଣ୍ଠା ବ୍ଲକ, ଏନ୍‌ଏସି ଏବଂ ଭଞ୍ଜନଗର ବ୍ଲକ୍, ଏନ୍‌ଏସିର ଶ୍ରବଣ ସମସ୍ୟା ଥିବା ବ୍ୟକ୍ତିମାନଙ୍କର ବିଭିନ୍ନ ପରୀକ୍ଷା ନୀରିକ୍ଷା କରି ତାର ଦୂରୀକରଣ କରିବା କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଆଇନା ତରଫରୁ ପ୍ରକାଶ କରାଯାଇଛି। ମଙ୍ଗଳବାର ବାର ଘଣ୍ଟା ତିରିଶି ମିନଟ୍ ସମୟରେ ବେଲଗୁଣ୍ଠା ଠାରେ ଏହା ପହଞ୍ଚିବା ପରେ ଏହାକୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା ଓ ବେଲଗୁଣ୍ଠା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଗୃହ ସମ୍ମୁଖରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ରୂପେ ବେଲଗୁଣ୍ଠା ନଗରପାଳ ଫିରୋଜ ସେଠୀ, ପୂର୍ବତନ ନଗରପାଳ ଚନ୍ଦ୍ରମଣି ସାମଲ, ପୂର୍ବତନ ଉପନଗରପାଳ ପ୍ରଶାନ୍ତ କୁମାର ସାହୁ, କାଉନସିଲର୍ ଭାସ୍କର ପାତ୍ର, ଦିବ୍ୟ ରଞ୍ଜନ ଦାସ, ସୀମାଞ୍ଚଳ ସାମଲ, ପ୍ରଦୀପ ସେଠୀ, ଦିଲ୍ଲୀପ ଆଚାରୀ, କାଉନସିଲର୍ ପ୍ରତିନିଧି ଟୁଟୁ ସୁବୁଦ୍ଧି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ୩୦ ଜଣ ଶ୍ରବଣ ବାଧିତଙ୍କ ଶ୍ରବଣ ଶକ୍ତି ପରୀକ୍ଷା କରାଯାଇଥିଲା। ଆଗାମୀ ଦିନରେ ବେଲଗୁଣ୍ଠା ବ୍ଲକର ସମସ୍ତ ୧୮ ପଞ୍ଚାୟତ ଏବଂ ଏନ୍‌ଏସିର ୧୩ ୱାର୍ଡର ବିଭିନ୍ନ ଗ୍ରାମକୁ ଯାଇ ଶ୍ରବଣ ଦୋଷ ଥିବା ବୃଦ୍ଧ, ବୃଦ୍ଧା, ଅସହାୟ ବ୍ୟକ୍ତି, ଦିବ୍ୟାଙ୍ଗ ମାନଙ୍କ ଘରକୁ ଯାଇ ସେମାନଙ୍କ ଶ୍ରବଣ ଜନିତ ସମସ୍ୟାର ଚିହ୍ନଟ କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ଆଇନାର ଜିଲ୍ଲା ସଂଯୋଜକ ଟୁକୁନା ଖଟେଇ ଓ କରୁଣାକର ବାରିକ ପ୍ରକାଶ କରିଛନ୍ତି।

# ସେପ୍ଟେମ୍ବର ୩୦ରୁ ପ୍ରଥମ ଗୋରକ୍ଷାଶ୍ରମର ୧୦୦ ବର୍ଷ ପୂର୍ତ୍ତି

## ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ୨୦୦ତମ ଜୟନ୍ତୀ ପାଇଁ ପ୍ରସ୍ତୁତି

ଭଞ୍ଜନଗର,୨୨।୮ (ବାବୁଲା ପ୍ରଧାନ)

ଭଞ୍ଜନଗର ନିକଟସ୍ଥ ତନରଡ଼ା ଶ୍ରବସ୍ୱ ଗୋରକ୍ଷାଶ୍ରମ ପକ୍ଷରୁ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ୨୦୦ତମ ଜୟନ୍ତୀ ଉତ୍ସବ ଅକ୍ଟୋବର ୨ରେ ପାଳିତ ହେବ। ଉକ୍ତଦିନ ୨୦୦ କୁଣ୍ଡିୟ ଯଜ୍ଞ ମଧ୍ୟ ହେବ। ଏନେଇ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ପ୍ରଥମ ଗୋଶାଳା ତନରଡ଼ାରେ ସଂସ୍କାରକ ଶ୍ରୀବସ୍ୱ ପଣ୍ଡାଙ୍କ ଦ୍ୱାରା ସ୍ଥାପିତ ହୋଇଥିଲା। ବର୍ତ୍ତମାନ ତାହା ୧୦୦ ବର୍ଷରେ ପଦାର୍ପଣ କରିଛି । ତେଣୁ ଆସନ୍ତା ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ତିନିଦିନ ଧରି ଗୋରକ୍ଷାଶ୍ରମର ଶତାବ୍ଦୀ ପାଳନ ସହ ଶ୍ରୀବସ୍ୱ ପଣ୍ଡାଙ୍କ ଜୟନ୍ତୀ ପାଳିତ ହେବ। ଏହି ଉତ୍ସବରେ ଯୋଗଦେବା ପାଇଁ ଜିଲ୍ଲା ଓ ଜିଲ୍ଲା ବାହାରୁ ଶହଶହ ସମସ୍ତ ଆର୍ଯ୍ୟସମାଜର ଭଉଣୀ ଭାଇ ମାନଙ୍କୁ ନିମନ୍ତ୍ରଣ କରାଯିବ। ଏଥିସହ ରବିବାର ଗୋରକ୍ଷାଶ୍ରମରେ ଶ୍ରାବଣୀ ଉପାକର୍ମ ମହୋତ୍ସବ ମଧ୍ୟ ପାଳିତ ହୋଇଯାଇଛି। ଗୋରକ୍ଷାଶ୍ରମର ସଭାପତି ଆଚାର୍ଯ୍ୟ ଡ଼.ସୁଦର୍ଶନ ଦେବ ଆଚାର୍ଯ୍ୟ, ସମ୍ପାଦକ ଗୋପବନ୍ଧୁ ସାହୁ, ବ୍ୟବସ୍ଥାପକ ଆଚାର୍ଯ୍ୟ ଶ୍ରୁତିପ୍ରିୟ ଶାସ୍ତ୍ରୀ, କୋଷାଧ୍ୟକ୍ଷ ଏ.ସନ୍ତୋଷ ଆଚାରୀ, ପଞ୍ଚାନନ ପାଳ, ପୁରୁଷୋତ୍ତମ ମୁନି, ସନ୍ତୋଷ ଆଚାରୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

### ବର୍ଷା ଅଭାବରୁ ଚାଷ କାର୍ଯ୍ୟ ବାଧାପ୍ରାପ୍ତ

ଶେରଗଡ, ୨୨।୮ (ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ ବ୍ଲକରେ ଗତ ଦୁଇ ମାସ ମଧ୍ୟରେ ଆଶାନୁ ଭାବେ ବର୍ଷା ନାହିଁ। ବ୍ଲକରେ ଗତ ଦୁଇ ମାସ ମଧ୍ୟରେ ୫ ମିଲିମିଟର ବର୍ଷା ମଧ୍ୟ ହୋଇ ନାହିଁ। ଫଳରେ ପ୍ରାୟ ୧୦ ପଞ୍ଚାୟତର ୩୦୦୦ ହେକ୍ଟର ଜମିରେ ଚାଷ କାର୍ଯ୍ୟ ଆଗେଇ ପାରୁନାହିଁ। ତଳି ବଢ଼ିଛି ସତ, ମାତ୍ର ପାଣି ଅଭାବ ଯୋଗୁଁ ଜମିରେ ଚାଷ କରିପାରୁନାହିଁ କି ରୋଇ ପାରୁନାହାଁ। ସେପଟେ ଯେଉଁ ଜମିଗୁଡିକ ବୁଣାଯାଇଛି ସେହି ଜମିଗୁଡ଼ିକ ପାଣି ଅଭାବରୁ ବେଉସା କରାଯାଇ ପାରୁନାହାଁ। ଶ୍ରାବଣ ମାସ ସରିବାକୁ ବସିଥିବା ବେଳେ ଚାଷ କାର୍ଯ୍ୟ ଆଗେଇ ପାରୁନାହିଁ। ଫଳରେ ଚାଷୀ ମୁଣ୍ଡରେ ହାତଦେଇ ବସିଛି। ହରଭଙ୍ଗା କେନାଲ କାମ ସରିଥିବା ବେଳେ ତୁରନ୍ତ ପାଣି ଛଡା ଗଲେ କିଛି ଜମିରେ ଚାଷ ହୋଇପାରନ୍ତା ବୋଲି ଚାଷୀମାନେ କହିଛନ୍ତି। ତେଣୁ ତୁରନ୍ତ ଉକ୍ତ କେନାଲରେ ପାଣି ଛାଡିବାକୁ ଦାବି କରିଛନ୍ତି।

# ଗାଜର ଘାସ ସଚେତନତା ଶିବିର


ଗାଜର ଘାସ ଦମନ କରାଯାଉଛି।

ଆର.ଉଦୟଗିରି,୨୨।୮ (ମନୋଜ କୁମାର ପାଢ଼ୀ)

ପ୍ରତିବର୍ଷ ଅଗଷ୍ଟ ୧୬ରୁ ୨୨ ତାରିଖ ପର୍ଯ୍ୟନ୍ତ ଗାଜର ଘାସ ସଚେତନତା ସପ୍ତାହ ଭାବେ ପାଳନ କରାଯାଉଛି। ଚାଷୀ ଭାଇ ଭଉଣୀମାନଙ୍କୁ ନେଇ ଗାଜର ଘାସର ଅପକାରିତା ବିଷୟରେ ଅବଗତ କରାଇବା ନିମନ୍ତେ କୃଷି ବିଜ୍ଞାନ କେନ୍ଦ୍ର ଗଜପତି ତରଫରୁ ଫଟାଚଅଁଡ଼ା ଗ୍ରାମ ପରିସରରେ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ଡ଼ଃ. ସଂଗ୍ରାମ ପରମଗୁରୁ, ଉଦ୍ୟାନ କୃଷି ବିଶେଷଜ୍ଞ ଡ଼ଃ. ସୁଶ୍ରୀ ଚୌଧୁରୀ, ଭାରତୀୟ ଜଳ ପରିଚାଳନା ଅନୁଷ୍ଠାନ, ଭୁବନେଶ୍ୱର ବୈଜ୍ଞାନିକ ପ୍ରମୁଖ ଯୋଗ ଦେଇଥିଲେ। ଗାଜର ଘାସ ମନୁଷ୍ୟ ଶରୀର ନିମନ୍ତେ ବହୁତ କ୍ଷତିକାରୀ। ଏହା ବିଭିନ୍ନ ପ୍ରକାର ରୋଗ ଯଥା ଆଜମା, ଚର୍ମରୋଗ ଇତ୍ୟାଦି ହେବା ସହିତ ପଶୁଙ୍କ ପାଟି ଘା, ଝାଡ଼ା, ଚର୍ମରୋଗ କରିଥାଏ। ଏହି ଘାସକୁ ନିୟନ୍ତ୍ରଣ କରିବାର ବିଭିନ୍ନ ପଦ୍ଧତି ବିଷୟରେ ବିଷଦ ଭାବେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ଚାଷୀ ଭାଇ ଭଉଣୀ ଯୋଗଦେଇ ଗାଜର ଘାସ ଦମନ କରିଥିଲେ।

# ସ୍ୱାୟତ୍ତ ଶାସନ ଦିବସ ପାଳନ ପ୍ରସ୍ତୁତି ବୈଠକ

ହିଞ୍ଜିଳିକାଟୁ,୨୨।୮ (ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳିକାଟୁ ମୁନିସିପାଲିଟି ତରଫରୁ ନିଖିଳ ଉତ୍କଳ ସ୍ୱାୟତ୍ତ ଶାସନ ଦିବସ ପାଳନ ଉପଲକ୍ଷେ ମଙ୍ଗଳବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ହିଞ୍ଜିଳିକାଟୁ ମୁନିସିପାଲିଟି ସଭାଗୃହରେ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଲେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟନିର୍ବାହୀ ଅଧିକାରୀ ଜୁବୁଲି ଚରଣ ବେହେରା, ଅତିରିକ୍ତ ତହସିଲଦାର ସୁନୀଲ ପ୍ରଧାନ, ଗ୍ରୀଟ ଅଧ୍ୟକ୍ଷ ପବିତ୍ର ମୋହନ ପାଣିଗ୍ରାହୀ, ଦେବାନନ୍ଦ ମହାପାତ୍ର, ବିଜେଡି ନଗର ସଭାପତି ଭୀମସେନ ବେହେରା, ନୀଳମଣି ପଟ୍ଟନାୟକ, ପୂର୍ବତନ ଅଧ୍ୟକ୍ଷ ହୃଦୟାନନ୍ଦ ମହାପାତ୍ର, ଶିରାମ ଗୌଡ, ସଞ୍ଜୟ କୁମାର ପଣ୍ଡା, ପ୍ୟାରୀମୋହନ ପାଢ଼ୀ, କିରଣ ପଟ୍ଟନାୟକ, କନିଷ୍ଠ ଯନ୍ତ୍ରୀ ଦିଲ୍ଲୀପ କୁମାର ମିଶ୍ର, ମାନସ ରଞ୍ଜନ ଦାସ କାଉନ୍‌ସିଲର, ବଣିକ ସଂଘ କର୍ମକର୍ତ୍ତା, ବୁଦ୍ଧିଜୀବୀଙ୍କ ସହ ଗଣମାଧ୍ୟମ ପ୍ରତିନିଧି ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଅଗଷ୍ଟ ୩୧ଠାରୁ ୨ ଦିନ ଧରି ବିଭିନ୍ନ କାର୍ଯ୍ୟକ୍ରମ ହେବାକୁ ସ୍ଥିର ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନା ନିମନ୍ତେ ଅଧ୍ୟକ୍ଷ, ଉପାଧ୍ୟକ୍ଷାଙ୍କ ନେତୃତ୍ୱରେ ବିଭିନ୍ନ କମିଟି ଗଠନ କରାଯାଇଛି।

# ମରୁଡ଼ି ଘୋଷଣା ଦାବିରେ ସ୍ମାରକପତ୍ର



ଭାଜପାର ଶୋଭାଯାତ୍ରା।

ଚିକିଟି,୨୨।୮ (ପ୍ରକାଶ ଚନ୍ଦ୍ର ସାହୁ)

ଚିକିଟି ବ୍ଲକକୁ ମରୁଡି ଘୋଷଣା କରିବା ଦାବି ନେଇ ମଙ୍ଗଳବାର ଭାଜପା ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ଏକ ଲିଖିତ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ମନୋରଞ୍ଜନ ଦ୍ୟାନସାମନ୍ତରାଙ୍କ ନେତୃତ୍ୱରେ ୧୭ଟି ପଞ୍ଚାୟତର ଶତାଧିକ ଭାଜପା କର୍ମୀ ଚିକିଟିଗଡ଼ ଇଲେକ୍ଟ୍ରି ଛକରୁ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାର ବିଶ୍ୱରଞ୍ଜନ କହଁରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ନୂଆପଡା, ସୋରଳ ଓ ସୁରଙ୍ଗି ମଣ୍ଡଳ ସଭାପତି ଲିଙ୍ଗରାଜ ପଣ୍ଡା, ବାବାଜୀ ଓଡ଼ିଆ ଓ ରଞ୍ଜନ ପ୍ରଧାନଙ୍କ ସମେତ ଯୁବମୋର୍ଚ୍ଚା ସଭାପତି ଦେବଦତ୍ତ ପଣ୍ଡା, ଚିକିଟି ଏନଏସି ପ୍ରଭାରୀ ଏସ. ନାଗଭୂଷଣ, ଆଦିବାସୀ ନେତ୍ରୀ ଲଳିତା ପ୍ରଧାନ, ହୃଷିକେଶ ନାୟକ, ତିରୁମୟ ପାଣିଗ୍ରାହୀ ପ୍ରମୁଖ ସାମିଲ ଥିଲେ।

# ରାସ୍ତା ନାହିଁ, ଦୋଳାରେ ମେଡିକାଲ ଗଲେ ଗର୍ଭବତୀ

ଫିରିଙ୍ଗିଆ,୨୨।୮ (ବିକ୍ରମ ଦିଗାଲ)

ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାସ୍ତା ଘାଟ ନିର୍ମାଣ କରୁଛନ୍ତି। ହେଲେ ଏବେ ବି ଅନେକ ଜାଗାରେ ରାସ୍ତା ନ ଥିବାରୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଦୋଳାରେ ବୁହା ହେଉଛନ୍ତି ଗର୍ଭବତୀ। ଏହା ଦେଖିବାକୁ ମିଳିଛି କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ ଶାଢ଼ିଙ୍ଗିଆ ପଞ୍ଚାୟତରେ । ରାସ୍ତା ଘାଟ ଅଭାବରୁ ଗାଁରେ ଆମ୍ବୁଲାନ୍ସ ପହଞ୍ଚିପାରି ନ ଥିବାରୁ ଦୋଳାରେ ଗର୍ଭବତୀଙ୍କୁ ନିଆଯାଇଛି।

ମଙ୍ଗଳବାର ସକାଳେ ମୁସୁମାସ୍କା ଗ୍ରାମର ବାଳକୃଷ୍ଣ ମଲ୍ଲିକଙ୍କ ସ୍ତ୍ରୀ ଇନାମତିଙ୍କ ଗର୍ଭ ଯନ୍ତ୍ରଣା ହୋଇଥିଲା। ଜନନୀ


ଜଣେ ଗର୍ଭବତୀଙ୍କୁ ଦୋଳାରେ ଡାକ୍ତରଖାନା ନିଆଯାଉଛି।

ଏକ୍ସପ୍ରେସ୍‌କୁ ଖବର ଦିଆଯାଇ ଥିଲେ ବି ଗାଁ ପର୍ଯ୍ୟନ୍ତ ରାସ୍ତା ନ ଥିବାରୁ ଘର ପାଖରେ ଆମ୍ବୁଲାନ୍ସ ପହଞ୍ଚି ପାରି ନ ଥିଲା। ବାଧ୍ୟ ହୋଇ ପରିବାର ଓ ପଡ଼ୋଶୀ ଲୋକେ ଏକ ଦୋଳାରେ ଇନାମତିଙ୍କୁ ପ୍ରାୟ ଏକ କିଲୋମିଟର ଦୂରରେ ଥିବା ପକ୍କା ରାସ୍ତା ପର୍ଯ୍ୟନ୍ତ ବୋହି ଆଣିଥିଲେ। ସେଠାରୁ ଜନନୀ ଏକ୍ସପ୍ରେସ ଯୋଗେ ଫିରିଙ୍ଗିଆ ଡାକ୍ତରଖାନାକୁ ନିଆ ଯାଉଥିଲା। ତେବେ ଡାକ୍ତରଖାନା ପହଞ୍ଚିବା ପୂର୍ବରୁ ଆମ୍ବୁଲାନ୍ସ ଭିତରେ ହିଁ ଇନାମତି ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ଏବେ ମା' ଛୁଆ ଉଭୟ ସୁସ୍ଥ ଥିବା ଜଣାପଡିଛି। ଗତ ଲଗାଣ ବର୍ଷାରେ ଏହି ରାସ୍ତା ଧୋଇ ହୋଇଥିବା ସହ ଅନେକ ଦିନ ତଳେ ଗାଁକୁ ମାଟି ରାସ୍ତା ନିର୍ମାଣ ହୋଇଥିବା ଗାଁ ଲୋକେ କହିଛନ୍ତି। ଆଜି ପର୍ଯ୍ୟନ୍ତ ରାସ୍ତା ପୁନଃ ନିର୍ମାଣ ହୋଇ ପାରିନାହିଁ। ଫଳରେ ଗାଁଟି ଏକ ପ୍ରକାର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ରହିଛି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ରାସ୍ତା ନିର୍ମାଣ କରିବାକୁ ଗାଁ ଲୋକେ ଦାବି କରିଛନ୍ତି।

